# Akashvani, Sambalpur

# SAMBALPURI NEWS MORNING BULLETIN

## 18 February 2026 - 6.47- 6.52 am.

---

ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଳନୀ          ପି.ଆଇ.ବି.

ନୂଆଦିଲ୍ଲୀ ଭାରତ୍ ମଣ୍ଡପମ୍ ନ ଚାଲିଥିବା ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬ ଥି ଗଲାକାଏଲ୍ କେନ୍ଦ୍ର ସୂଚନା ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଓଡ଼ିଶା ପାଭିଲିୟନ୍ ବୁଲିକରି ସମ୍ମିଳନୀଥି ଓଡ଼ିଶାର୍ ପ୍ରଦର୍ଶନ୍‌କେ ପ୍ରଶଂସା କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ପ୍ରଦର୍ଶନୀଥି ଓଡ଼ିଶାର୍ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍‌ଫୁ ପ୍ରସ୍ତୁତ୍ ହେଇଥିବା ଏଆଇ ସମାଧାନ୍ ଉପାୟ ଜନସାଧାରଣଙ୍କୁ ସକାରାତ୍ମକ୍ ଭାବେ ପ୍ରଭାବିତ୍ କର୍‌ବା । ଏଆଇର୍ ଉପଯୋଗ୍ ଚାଷୀମାନ୍‌କର୍ ଲାଗି କି ସହରୀ ଇଲାକା ନ ପିଇବାର୍ ପାଏନ୍ ଯୁଗାବାର୍ ବ୍ୟବସ୍ଥାଥି କେନ୍ ହିସାବେ ଉପଯୋଗ୍ କରାଯାଇପାର୍‌ବା ସେ ବାବ୍‌ଦେ ଇନ ପ୍ରଦର୍ଶନ୍ କରାଯାଇଛେ ।

ଶିକ୍ଷା ଆଉ ସ୍ୱାସ୍ଥ୍ୟ କ୍ଷେତ୍ରଥି ଭିଲ୍ ବହୁତ୍‌ଟେ ସମାଧାନ୍‌ର ବାଟ୍ ଦେଖାଯାଇଛେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।
(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

+୨ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର/ଆଇ.ଆଣ୍ଡ୍.ପି.ଆର୍

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଳକ୍ ପାଠ୍ୟକ୍ରମ୍ ଲାଗି ବୋର୍ଡ଼୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଉଛେ । ପହେଲା ଦିନେ ବିଜ୍ଞାନ୍ ବିଭାଗ୍‌ର ମାତୃଭାଷା ଓଡ଼ିଆ ପରୀକ୍ଷା ହେବା । ଇ ବଛର୍ ରାଏଜେ ୧ ହଜାର୍ ୩ ଶହ ୬୪ ଟା କେନ୍ଦ୍ର ନ ୪ ଲାଖ୍ ୧ ହଜାର୍ ୬ ଶହ ୨୩ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ପରୀକ୍ଷା ଲାଗି ୨ ଶହ ୨୧ ଟା ପରିଚାଲନା କେନ୍ଦ୍ର ନ ପ୍ରଶ୍ନପତ୍ର ରଖାଯାଇଛେ । ସେଆଡ଼େ ପରୀକ୍ଷା ପରିଚାଲନା ଲାଗି ପରିଷଦ୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ । କପି ରୁକ୍‌ବାର୍ ଲାଗି ଶହେ ୨୦ ଟା କେନ୍ଦ୍ରୀୟ ସ୍କ୍ୱାର୍ଡ଼୍ ଆଉ ୭୫ ଟା ଜୋନାଲ୍ ସ୍କ୍ୱାର୍ଡ଼୍ ନିୟୋଜିତ ଅଛନ୍ ।

ପରୀକ୍ଷା ଦେବାର୍‌କେ ଯାଉଥିବା ଛାତ୍ରଛାତ୍ରୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନାବାର୍ ସହେତେ ଚାପମୁକ୍ତ ହେଇକରି ଭଲ୍ ପ୍ରଦର୍ଶନ୍ ଲାଗି ଚେରେଷ୍ଟା କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଛାତ୍ରଛାତ୍ରୀମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ପରିଶ୍ରମ୍ ଆଉ ଆତ୍ମବିଶ୍ୱାସ୍ ହିଁ ସଫଲତା ଆନିଦେବା ବଲି ବାର୍ତା ଦେଇଛନ୍ ।

ପୁରୀ ରଥଯାତ୍ରା-ବୈଠକ୍      ଆଇ.ଆଣ୍ଡ୍.ପି.ଆର୍

ଇ ବଛର୍ ପୁରୀ ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧକ୍ଷତାଥି ଗଲାକାଏଲ୍ ୨ ନମ୍ବର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ବୈଠକ୍‌ଥି ଶୃଙ୍ଖଲିତ୍ ରଥଯାତ୍ରା ଲାଗି ତିଆର୍ ହେଇଥିବା ମାଷ୍ଟର୍‌ପ୍ଲାନ୍‌କେ ପୁରୀ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଉପସ୍ଥାପନ୍ କରିଥିଲେ । ତାର୍ ଉତ୍‌ରୁ ଇ ବାବ୍‌ଦେ ଆଲୋଚନା କରାଯାଇଥିଲା । ଆଏବା ରଥଯାତ୍ରା

ବେଲ୍‌କେ ଜନସାଧାରଣଙ୍କର୍ ସୁରକ୍ଷା ଆଉ ନିରାପତାକେ ଅଏତ୍‌କା ଜୋର୍ ଦିଆଯିବା ବଲି ବୈଠକ୍‌ଥି ଆଲୋଚନା କରାଯାଇଛେ । ବୈଠକ୍‌ଥି ଗୃହ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ପୁଲିସ୍ ଡିଜି ୱାଇ.ବି. ଖୁରାନିଆ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀ, ପ୍ରମୁଖ ଯୋଗ୍ ଦେଇଥିଲେ ।

ପୂର୍ତମନ୍ତ୍ରୀ-ସମୀକ୍ଷା        ଆଇ.ଆଣ୍ଡ୍.ପି.ଆର୍

ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ବିଭାଗ୍‌ର ପ୍ରକଳ୍ପ ମାନ୍‌କର୍ ଖର୍ଚ୍ଚାର୍ ସମୀକ୍ଷା କରିଛନ୍ । ରାଜ୍ୟର୍ ବିକାଶ୍‌କେ ତୁର୍‌ତି କର୍‌ବାର୍ ଲାଗି ଭିତିଭୂମି ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍ ଆଉ ନୂଆଁ ପ୍ରକଳ୍ପମାନ୍‌କର୍ ଲାଗି ଯୋଜ୍‌ନା ତିଆର୍ କର୍‌ବାର୍ ଜରୁରୀ ଆଏ ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ପ୍ରକଳ୍ପ ମାନ୍‌କର୍ ଗୁଣବତା ଯାଂଚ୍ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେବାର୍ ସଙ୍ଗେ

ଅଲ୍‌ଗା ବିଭାଗ୍‌ନୁ ନିର୍ମାଣ୍ ବିଭାଗ୍‌କେ ଆସୁଥିବା ରାସ୍ତା, ସେତୁ କାମ୍, ଏକାମ୍ର, ସମଲେଇ, ଅବଢ଼ା ପ୍ରକଳ୍ପ କେ ତୁର୍‌ତି ଶେଷ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ଝାର୍‌ସୁଗୁଡ଼ା ପ୍ରକଳ୍ପ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ନିର୍ବାଚନ୍ ମଣ୍ଡଳୀର୍ ଉନ୍ନତି ଲାଗି ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଯୋଜ୍‌ନାଥି ୧ କୋଟି ୫୨ ଲାଖ୍ ଟଙ୍କା ମଞ୍ଜୁର୍ କରିଛନ୍ । ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍ ଲାଗି ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ସର୍‌କାର୍‌ଙ୍କୁ ଇ ସବୁ ଉନ୍ନୟନ ପ୍ରକଳ୍ପକେ ଅନୁମୋଦନ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଦେଇଥିଲେ ।

ସୁଭଦ୍ରା ଶକ୍ତିମେଳା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ନିୟନ୍ତ୍ରିତ ବଜାର୍ କମିଟି ପରିସର ନ ଗଲାକାଏଲ୍ ସୁଭଦ୍ରା ଶକ୍ତିମେଳା ମୁଲ୍ ହେଇଛେ । ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମେଳାର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ସାଂସଦ୍ ଶ୍ରୀ ପୁରୋହିତ କହିଛନ୍, ସୁଭଦ୍ରା ମା’ ମାନେ ଓଡ଼ିଶାର୍ ଅର୍ଥନୀତିର୍ ମେରୁଦଣ୍ଡ ହେବେ । ସୁଭଦ୍ରା ଶକ୍ତିମେଳା ଓଡ଼ିଶାର୍ ମା ମାନ୍‌କର୍ ପ୍ରତିଭା, ଦକ୍ଷତା ଆଉ ଉଦ୍ୟମ୍‌ର ନିଦର୍ଶନ୍ ଆଏ ବଲି ଶ୍ରୀ ପୁରୋହିତ କହିଛନ୍ । ୭ ଦିନ୍‌ତକ୍ ହେବାର୍‌କେ ଥିବା ମେଳାଥି ୨ ଶହ ନୁ ଅଏତ୍‌କା ଷ୍ଟଲ୍‌ଥି ମହିଲା, ସ୍ୱୟଂ ସହାୟକ ଗୋଷ୍ଠୀ ତର୍‌ଫୁ ତିଆର୍ ଦରବ୍ ମାନ୍‌କର୍ ପ୍ରଦର୍ଶନ୍ ଆଉ ବିକ୍ରିବଟା ହେଉଛେ ।

ଇଙ୍କଫେଷ୍ଟ -କବିତା ଆସର ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ରୟାଲ୍ ପଡ଼ିଆ ନ ଚାଲିଥିବା ଜିଲ୍ଲାସ୍ତରୀୟ ପୁସ୍ତକମେଳା - ଇଙ୍କଫେଷ୍ଟ -୨୦୨୬ ଥି ଗଲାକାଏଲ୍ ବହୁଭାଷୀ କବିତା ଆସର ‘ଭାବ ଫଗୁଣ’ ଅନୁଷ୍ଠିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୫୦ ନୁ ଅଏତ୍‌କା କବି ନିଜର୍ ନିଜର୍ କବିତା ପାଠ କରିଥିଲେ ।

ନିଶାମୁକ୍ତ ଭାରତ୍ ଅଭିଯାନ୍ ସଚେତନତା ଶୋଭାଯାତ୍ରା/ ଦେବ୍‌ଗଡ଼୍

ଦେବ୍‌ଗଡ଼୍ ଜିଲ୍ଲା ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତରଫୁ ନିଶାମୁକ୍ତ ଭାରତ୍ ଅଭିଯାନ୍ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଶୋଭାଯାତ୍ରା ପୁରୁଣା ଜିଲ୍ଲାପାଲ୍ କାର୍ଯ୍ୟାଳୟନୁ ବାହାରିକରି ସହର୍ ପରିକ୍ରମା କରିଥିଲା । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ନିଶାମୁକ୍ତ ଭାରତ୍ ଗଠନ୍ ବାବ୍‌ଦେ ସ୍ଲୋଗାନ୍ ଦେବାର୍ ସହେତେ ଲୁକ୍‌କୁ ସଚେତନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶୋଭାଯାତ୍ରାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଛାତ୍ରଛାତ୍ରୀମାନ୍‌କୁ ଶପଥ୍ ପାଠ୍ କରେଇଥିଲେ ।

ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍ କ୍ରିକେଟ୍ ଥି ଆଏଜ୍ ଭାରତ୍ ଆଉ ନେଦର୍‌ଲାଣ୍ଡ ଭିତ୍‌ରେ ମେଚ୍ ଖେଲାଯିବା । ଅହମଦାବାଦ୍‌ର ନରେନ୍ଦ୍ରମୋଦୀ ଷ୍ଟାଡ଼ିୟମ୍ ନ ସଞ୍ଜବେଲର୍ ୭ ବଜେ ମେଚ୍ ହେବା ।

ପାଣିପାଗ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା କାଏଲ୍‌ଠାନୁ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।